ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୮୨-୮୩ ମସିହାର ବଜେଟ୍ ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ
# ଅଭିଭାଷଣ

ମାର୍ଚ୍ଚ ୧୧, ୧୯୮୨

ଓଡ଼ିଶା ବିଧାନ ସଭାରେ
୧୯୮୨-୮୩ ମସିହାର ବଜେଟ ଉପସ୍ଥାପନ କରି

# ଅର୍ଥ ମନ୍ତ୍ରୀ ଶ୍ରୀ ରଘୁନାଥ ପଟ୍ଟନାୟକଙ୍କ

ଅଭିଭାଷଣ

ମହାଶୟ,

୧୯୮୨-୮୩ ମସିହାର ଆର୍ଥିକ ବିବରଣୀ ଏବଂ ବଜେଟ୍ ସଂକ୍ରାନ୍ତୀୟ ଅନ୍ୟାନ୍ୟ କାଗଜପତ୍ର ମାନ୍ୟବର ସଭ୍ୟମାନଙ୍କୁ ଯୋଗାଇ ଦିଆଯାଇଛି ।

୨ । ପ୍ରାୟ ବର୍ଷକ ତଳେ ୧୯୮୧-୮୨ ମସିହାର ଆର୍ଥିକ ବିବରଣୀ ଉପସ୍ଥାପିତ କଲାବେଳେ ମୁଁ ସୂଚାଇଥିଲି ଯେ ୧୯୮୧-୮୨ ମସିହାର ଆର୍ଥିକ ପରିସ୍ଥିତି ତା'ର ପୂର୍ବ ବର୍ଷ ଅର୍ଥାତ୍ ୧୯୮୦-୮୧ ମସିହା ତୁଳନାରେ ଅଧିକ ସ୍ୱଚ୍ଛଳ ହେବ । ୧୯୭୯-୮୦ ମସିହା ତୁଳନାରେ ୧୯୮୦-୮୧ ମସିହାରେ ଜାତୀୟ ଆୟ ଶତକଡ଼ା ୭'୫ ଭାଗ ବୃଦ୍ଧି ପାଇଥିଲା । ୧୯୮୧-୮୨ ମସିହାରେ ତାହା ଅଧିକା ଶତକଡ଼ା ୪'୫ ଭାଗ ବୃଦ୍ଧି ପାଇବ ବୋଲି ଆଶା କରାଯାଏ । କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ସାଧିତ ହୋଇପାରିଛି । ଶିଳ୍ପ କ୍ଷେତ୍ରରେ ଶାନ୍ତିପୂର୍ଣ୍ଣ ବାତାବରଣ ଓ ଅଧିକ ପୁଞ୍ଜି ଲଗାଣ ଫଳରେ ଉନ୍ନତିର ପଥ କ୍ରମଶଃ ସୁଗମ ହେଉଅଛି । ଜାତୀୟ ଅର୍ଥନୀତି ଯାହାକି କିଛି ବର୍ଷଧରି ଥାଣୁ ହୋଇ ପଡ଼ିଥିଲା ତାହାର କ୍ରମଃ ଅଭିବୃଦ୍ଧି ସ୍ପଷ୍ଟଭାବରେ ପରିଲକ୍ଷିତ ହୋଇପାରିଛି । ଯାହାହେଉ କଠିନ ପରିଶ୍ରମ ମାଧ୍ୟମରେ ଉତ୍ପାଦନ ବୃଦ୍ଧି ଘଟାଇ ରାଜ୍ୟକୁ ଉତ୍ତରୋତ୍ତର ପ୍ରଗତି ପଥରେ ଆଗେଇ ନେବା ପାଇଁ ଆମ୍ଭେମାନେ ସଂକଳ୍ପବଦ୍ଧ ।

୩ । ବିଗତ ବର୍ଷମାନଙ୍କ ଭଳି ୧୯୮୧ ମସିହାଟି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟର ଶିକାର ହୋଇଥିଲା । କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାଗୁଡ଼ିକରେ ବନ୍ୟା ଓ ଝଡ଼ ବତାସ ସାଙ୍ଗକୁ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ଦ୍ୱୟର କେତେକ ଗ୍ରାମାଞ୍ଚଳରେ ଘୂର୍ଣ୍ଣିବାତ୍ୟା ଦ୍ୱାରା ପ୍ରଭୂତ କ୍ଷତି ଘଟିଥିଲା । ଏହିସବୁ ଦୁରବସ୍ଥାର ମୁକାବିଲା କରିବା

ପାଇଁ ସମ୍ବଳ ବିନିଯୋଗ କରିବା ସଙ୍ଗେ ସଙ୍ଗେ ଉନ୍ନୟନମୂଳକ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବାର ପ୍ରଚେଷ୍ଟା ରାଜ୍ୟ ସରକାର ଅବ୍ୟାହତ ରଖିପାରିଛନ୍ତି ।

୪ । ଗତ ବର୍ଷ ବଜେଟ୍ ଉପସ୍ଥାପନ କଲାବେଳେ ମୁଁ ଗୃହକୁ ସୂଚାଇ ଦେଇଥିଲି ଯେ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପାଇଁ ଓଡ଼ିଶା ରାଜ୍ୟ ଯୋଜନା କ୍ଷେତ୍ରରେ ୧,୫୦୦ କୋଟି ଟଙ୍କା ବ୍ୟୟ ବ୍ୟବସ୍ଥା ରଖାଯାଇଛି । ଅଧିକନ୍ତୁ କେନ୍ଦ୍ରୀୟ ଯୋଜନା କ୍ଷେତ୍ରରେ ମଧ୍ୟ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି । ଅତି ସୁଖର କଥା ଯେ, କେନ୍ଦ୍ର ସରକାର ଓଡ଼ିଶାରେ ଗୋଟିଏ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠା ପାଇଁ କାର୍ଯ୍ୟ ଆରମ୍ଭ କରିସାରିଲେଣି । ଏତଦ୍‌ବ୍ୟତୀତ ପାରାଦ୍ୱୀପଠାରେ ବନ୍ଦର ଭିତ୍ତିକ ଗୋଟିଏ ଇସ୍ପାତ୍ କାରଖାନା ଓ ଗୋଟିଏ ସାର କାରଖାନାର କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଯୋଗୁଁହିଁ କେନ୍ଦ୍ର ସରକାର ରାୟଗଡ଼ା-କୋରାପୁଟ ଏବଂ ଯଖପୁରା-ବାଂଶପାଣି ରେଳପଥ ନିର୍ମାଣ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ତାଳଚେର-ସମ୍ବଲପୁର ରେଳପଥ ନିର୍ମାଣ ପାଇଁ ଆମର ପ୍ରଚେଷ୍ଟା ଅବ୍ୟାହତ ରହିବ । ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଆମ ରାଜ୍ୟର ଆର୍ଥିକ ଉନ୍ନତି କ୍ଷିପ୍ରତର ହୋଇ ଉଠିବ । ଅର୍ଥ ଲଗାଣ ସଂସ୍ଥାମାନଙ୍କର ପୁଞ୍ଜି ବିନିଯୋଗର ପରିମାଣ ବୃଦ୍ଧି ଉପରେ ଆମେ ବରାବର ଗୁରୁତ୍ୱ ଆରୋପ କରିଆସୁଅଛୁ କାରଣ ଏହି ପୁଞ୍ଜି ବିନିଯୋଗର ପରିମାଣ ଯେତିକି ବୃଦ୍ଧି ପାଇବ ରାଜ୍ୟର ସମନ୍ୱିତ ଉନ୍ନତି ନିମନ୍ତେ ତାହା ରାଜ୍ୟ ସରକାରଙ୍କ ସମ୍ବଳର ସେତିକି ପରିପୂରକ ହେବ । ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ବ୍ୟାଙ୍କ ସୁବିଧାର ଯଥେଷ୍ଟ ପ୍ରସାର ଘଟିଅଛି । ଫଳତଃ ବ୍ୟବସାୟିକ ଓ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଶାଖା ୧୯୮୦ ମସିହା ଡିସେମ୍ବର ସୁଦ୍ଧା ୮୮୨ ଥିବା ସ୍ଥଳେ ୧୯୮୧ ମସିହା ଶେଷ ବେଳକୁ ତାହା ୧,୧୪୦କୁ ବୃଦ୍ଧି ପାଇଛି । ଏହି କ୍ଷେତ୍ରରେ ଆହୁରି ଅଗ୍ରଗତି କରିବା ପାଇଁ ଆମର ଉଦ୍ୟମ ସବୁବେଳେ ଲାଗିରହିବ ।

୫ । ମହାଶୟ, ଏହି ପୃଷ୍ଠଭୂମିରେ ମୁଁ ଚଳିତ ବର୍ଷର ସଂଶୋଧିତ ବଜେଟ୍ ଅଟକଳ ଏବଂ ୧୯୮୨-୮୩ ମସିହା ପାଇଁ ଉଦ୍ଦିଷ୍ଟ ବଜେଟ୍ ଅଟକଳର କେତେକ ମୁଖ୍ୟ କାର୍ଯ୍ୟକ୍ରମ ଗୃହରେ ଉପସ୍ଥାପିତ କରିବାକୁ ଯାଉଛି ।

୬ । ଚଳିତ ବର୍ଷର ସଂଶୋଧିତ ଅଟକଳରେ ରେଙ୍ଗାଲି, ଅପର କୋଲବ ଓ ଅପର ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପଗୁଡ଼ିକରେ ଶକ୍ତି ଉତ୍ପାଦନ ନିମନ୍ତେ ରାଜ୍ୟ ଯୋଜନା କ୍ଷେତ୍ରରେ ୮ କୋଟି ୬୦ ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଅଛି । ଏତଦ୍‌ବ୍ୟତୀତ ସରକାରୀ କର୍ମଚାରୀ, ସ୍ୱାୟତ୍ତ ଶାସନ ସଂସ୍ଥା ଓ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ମହଙ୍ଗା ଭତ୍ତା ବାବଦରେ ୨୦ କୋଟି ୯୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି । ରାଜସ୍ୱ ଆଦାୟ ତ୍ୱରାନ୍ୱିତ କରି, ସାଧାରଣ ପାଣ୍ଠିର ଆୟକୁ ବୃଦ୍ଧି କରି ଏବଂ ଅଣଯୋଜନା ଖର୍ଚ୍ଚ ନିୟନ୍ତ୍ରଣ କରି ଏହି ଅତିରିକ୍ତ ବ୍ୟୟ ବରାଦକୁ ଭରଣା କରାଯିବ । ବର୍ଷ ଶେଷବେଳକୁ ୭ ଲକ୍ଷ ୬୮ ହଜାର ଟଙ୍କା ନଗଦ ତହବିଲ୍ ଜମା ରହିବ ଯାହାକି ୧୯୮୨-୮୩ ବର୍ଷର ପ୍ରାରମ୍ଭିକ ଜମା ଭାବରେ ସୂଚିତ ହେବ ।

୭ । ୧୯୮୨-୮୩ ମସିହା ବଜେଟ୍‌ରେ ୪୬୯ କୋଟି ୫୧ ଲକ୍ଷ ଟଙ୍କାର ଅଣ-ଯୋଜନା ରାଜସ୍ୱ ବ୍ୟୟ କରାଯିବାର ଅଟକଳ କରାଯାଇଛି । ଏହି ଅଟକଳ ପ୍ରସ୍ତୁତ କଲାବେଳେ କେତେକ ଅପରିହାର୍ଯ୍ୟ ଖର୍ଚ୍ଚ ଯଥା କର୍ମଚାରୀମାନଙ୍କ ଦରମା ଓ ମହଙ୍ଗା ଭତ୍ତା ବୃଦ୍ଧି, ପେନ୍‌ସନ୍ ବୃଦ୍ଧି ଏବଂ ରାସ୍ତା ଘାଟ ଓ ଜଳସେଚନ ଇତ୍ୟାଦି ସାଧାରଣ ସଂପତ୍ତିର ଉପଯୁକ୍ତ ରକ୍ଷଣାବେକ୍ଷଣ କ୍ଷେତ୍ରରେ ଅଧିକ ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି । ମିତବ୍ୟୟିତା ଅବଲମ୍ବନର ଆବଶ୍ୟକତା ଉପରେ ମଧ୍ୟ ଦୃଷ୍ଟି ରଖାଯାଇଛି । ଅଣଯୋଜନା କ୍ଷେତ୍ରରେ କେବଳ ଶିକ୍ଷା ପାଇଁ ସର୍ବାଧିକ ୧୧୮ କୋଟି ୧୯ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ଯାହାକି ସମୁଦାୟ ଅଣଯୋଜନା ଖର୍ଚ୍ଚର ପ୍ରାୟ ଏକ-ଚତୁର୍ଥାଂଶ । ତାହା ତଳକୁ ପୋଲିସ୍ ବିଭାଗ ପାଇଁ ୩୦ କୋଟି ୬୧ ଲକ୍ଷ ଟଙ୍କା ଏବଂ ସ୍ୱାସ୍ଥ୍ୟ ସେବା ପାଇଁ ୨୪ କୋଟି ୪୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ରାଜ୍ୟ ସରକାର କରିଥିବା ଋଣ ଉପରେ ସୁଧ ଦେୟ ନିମିତ୍ତ ୭୪ କୋଟି ୭୭ ଲକ୍ଷ ଟଙ୍କା ବଜେଟ୍‌ରେ ରଖାଯାଇ-ଅଛି । ସପ୍ତମ ଅର୍ଥ କମିଶନଙ୍କ ସୁପାରିଶ ଓ ଭାରତ ସରକାରଙ୍କ ଅନୁମୋଦନ-କ୍ରମେ କାରାଗାରଗୁଡ଼ିକର ଉନ୍ନତି ବିଧାନ, ପୋଲିସ୍ ବିଭାଗର ଦୃଢ଼ୀକରଣ, ନୂତନ ବିଦ୍ୟାଳୟ ସ୍ଥାପନ, ପ୍ରଶାସନ ସଂସ୍କାର ପୁନଃଗଠନ ଓ ଆଦିବାସୀ ଅଞ୍ଚଳରେ ନିଯୁକ୍ତ ସରକାରୀ କର୍ମଚାରୀମାନଙ୍କୁ ପ୍ରୋତ୍ସାହନ ଭତ୍ତା ପ୍ରଦାନ ପ୍ରଭୃତି କାର୍ଯ୍ୟକ୍ରମ ସକାଶେ ୫ କୋଟି ୯୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ସମାଜର ଦୁର୍ବଳ ଶ୍ରେଣୀର

ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଓଡିଶା ଆଇନ୍ ସାହାଯ୍ୟ ଓ ପରାମର୍ଶ-ଦାତା ବୋର୍ଡ଼ ଗଠନ କରାଯାଇଛି । ବାକି ପଡ଼ିଥିବା ମକଦ୍ଦମା ଗୁଡିକର ଫଇସଲା ତ୍ୱରାନ୍ୱିତ କରିବା ସକାଶେ ବିଭିନ୍ନ ସ୍ଥାନରେ ଆଇନ ସାହାଯ୍ୟ ଶିବିର ଓ କର୍ମଶାଳାର ପ୍ରଚଳନ ଚଳିତ ବର୍ଷଠାରୁ ଆରମ୍ଭ କରାଯାଇଛି । ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ନୂତନ ନ୍ୟାୟାଳୟ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ପ୍ରତି ଜିଲ୍ଲା ପାଇଁ ଗୋଟିଏ କରି ଦେଓ୍ୱାନୀ ଓ ଫୌଜଦାରୀକୋର୍ଟ ସ୍ଥାପନର ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷ ୯ଟି ନିମ୍ନ ଅଦାଲତ ସ୍ଥାପନ କରାଯାଇଛି ଓ ଆସନ୍ତା ବର୍ଷ ୧୧ଟି ସ୍ଥାପନ କରିବାର ଲକ୍ଷ୍ୟ ରଖାଯାଇଅଛି ।

ଭାରତ ସରକାରଙ୍କର ପୂର୍ଣ୍ଣସହାୟତାରେ ପୁଲିସ ବିଭାଗର ଆଧୁନିକିକରଣ ନିମନ୍ତେ ୩୫ ଲକ୍ଷ ଟଙ୍କା ଏବଂ ହସ୍ତତନ୍ତ ଓ ଜନତା ଧୋତି, ଶାଢୀ ବିକ୍ରୀ ଉପରେ ରିହାତି ଦେବା ପାଇଁ ୪ କୋଟି ୨୬ ଲକ୍ଷ ଟଙ୍କାର ଖର୍ଚ୍ଚ ବରାଦ କରାଯାଇଛି ।

୮ । ଅଣଯୋଜନା ପୁଞ୍ଜିବ୍ୟୟ ଓ ଋଣପରିଶୋଧ ପରେ ଅଣଯୋଜନା କ୍ଷେତ୍ରରେ ୩ କୋଟି ୮୩ ଲକ୍ଷ ଟଙ୍କା ବଳକା ରହିବ ବୋଲି ଅଟକଳ କରାଯାଇଛି । ଉକ୍ତ ଅର୍ଥ ଉନ୍ନୟନ ମୂଳକ ଯୋଜନା କାର୍ଯ୍ୟରେ ବ୍ୟୟ କରାଯିବ ।

୯ । ୧୯୮୨-୮୩ ବାର୍ଷିକ ଯୋଜନାର ଆକାର ୩୦୦ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି । ତନ୍ମଧ୍ୟରୁ ରାଜ୍ୟ ବଜେଟ୍‌ରେ ୨୫୮ କୋଟି ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି । ଅବଶିଷ୍ଟ ୪୧ କୋଟି ୭୦ ଲକ୍ଷ ଟଙ୍କା ସଙ୍ଗଠିତ ପାଣ୍ଠି ବାହାରେ ପୌର ପରିଷଦ ଓ ସରକାରୀ ଉଦ୍ୟୋଗ ସଂସ୍ଥାମାନଙ୍କର ଯୋଜନାବ୍ୟୟର ଅନ୍ତର୍ଭୁକ୍ତ କରାଯାଇଛି ।

ଯୋଜନାର ବିଭିନ୍ନ କ୍ଷେତ୍ରରେ ନିମ୍ନମତେ ଅର୍ଥବରାଦ କରାଯାଇଛି.—

| | |
|---|---|
| (୧) କୃଷି ଓ ସମବାୟ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା । | ୭୧ କୋଟି ୫୦ ଲକ୍ଷ ଟଙ୍କା ଯାହାକି ସମୁଦାୟ ଯୋଜନା ଅଟକଳର ଶତକଡ଼ା ୨୩.୮୩ ଭାଗ । |
| (୨) ସେଚ ଓ ଶକ୍ତି ବିକାଶ .. | ୧୫୭ କୋଟି ଟଙ୍କା ଯାହାକି ଯୋଜନା ଅଟକଳର ଶତକଡା ୫୨.୩୩ ଭାଗ । |

| | | |
|---|---|---|
| (୩) ଶିଳ୍ପ ଓ ଖଣି | .. | ୧୫ କୋଟି ୮୮ ଲକ୍ଷ ଟଙ୍କା ଯାହାକି ଯୋଜନା ଅଟକଳର ଶତକଡ଼ା ୫.୩୦ ଭାଗ । |
| (୪) ପରିବହନ ଓ ଯୋଗାଯୋଗ | .. | ୧୭ କୋଟି ୬୩ ଲକ୍ଷ ଟଙ୍କା ଯାହାକି ଯୋଜନା-ଅଟକଳର ଶତକଡ଼ା ୫.୮୮ ଭାଗ । |
| (୫) ସମାଜ ସେବା | .. | ୩୬ କୋଟି ୧୯ ଲକ୍ଷ ଟଙ୍କା ଯାହାକି ଯୋଜନା ଅଟକଳର ଶତକଡ଼ା ୧୨.୦୬ ଭାଗ । |
| (୬) ଅର୍ଥନୈତିକ ଓ ବିବିଧ ସେବା | | ୧ କୋଟି ୮୦ ଲକ୍ଷ ଟଙ୍କା ଯାହାକି ଯୋଜନା ଅଟକଳର ଶତକଡ଼ା ୦.୬୦ ଭାଗ । |

ଏହା ବ୍ୟତୀତ ଆଦିବାସୀ ଯୋଜନା ପାଇଁ ୧୩ କୋଟି ୫୦ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ଆମର ଉନ୍ନୟନମୂଳକ ପ୍ରଚେଷ୍ଟା ତଥା ରାଜ୍ୟ ଯୋଜନାକୁ ସମୃଦ୍ଧ କରିବ । ସୁତରାଂ ଆମ ରାଜ୍ୟ ଯୋଜନାର ବ୍ୟୟ ୩୧୩ କୋଟି ଟଙ୍କାରୁ ଅଧିକ ହେବ । ଅଧିକନ୍ତୁ ରାଜ୍ୟ ସରକାରଙ୍କ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ହରିଜନମାନଙ୍କ ବିଶେଷ ଉନ୍ନତି ସକାଶେ ଉଦ୍ଦିଷ୍ଟ ୪ କୋଟି ୬୭ ଲକ୍ଷ ଟଙ୍କା ସମେତ କେନ୍ଦ୍ରୀୟ ଯୋଜନା ବାବଦକୁ ୪୮ କୋଟି ୬୨ ଲକ୍ଷ ଟଙ୍କା ଓ କେନ୍ଦ୍ର ପ୍ରବର୍ତ୍ତିତ ଅନ୍ୟ ଯୋଜନାଗୁଡ଼ିକ ପାଇଁ ୩୪ କୋଟି ୨୩ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି ।

୧୦ । ମୁଁ ବର୍ତ୍ତମାନ ଆମ ସରକାରଙ୍କର ବିଭିନ୍ନ କ୍ଷେତ୍ରରେ କେତେକ ମୁଖ୍ୟ କାର୍ଯ୍ୟକ୍ରମର ସୂଚନା ଦେବାକୁ ଯାଉଛି ।

୧୧ । ଆମ ଅର୍ଥନୀତିରେ କୃଷିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହାର ଉନ୍ନତି ନିମନ୍ତେ ପୂର୍ଣ୍ଣ ଦୃଷ୍ଟି ଦିଆଯାଉଅଛି । ଆଗାମୀ ବର୍ଷ ୬୪ ଲକ୍ଷ ୪୦ ହଜାର ହେକ୍ଟର ଜମିରେ ଖରିଫ୍ ଫସଲ ଓ ୩୬ ଲକ୍ଷ ୨୬ ହଜାର ହେକ୍ଟର ଜମିରେ ରବି ଫସଲ କରିବା ପାଇଁ ପ୍ରସ୍ତାବ କରାଯାଇଛି । ଭୂସଂସ୍କାର ଓ ଚକବନ୍ଦୀ, ସ୍ଥାନ-ବିଶେଷରେ ଭିନ୍ନ ଭିନ୍ନ ଧରଣର ଫସଲର ପ୍ରଚଳନ, କୃଷକମାନଙ୍କୁ ଉନ୍ନତ ବିହନ ଯୋଗାଣ, ରାସାୟନିକ ସାରର ବିଶେଷ ପ୍ରୟୋଗ ଏବଂ ସର୍ବୋପଯୋଗୀ କୀଟ-ପତଙ୍ଗ ନିୟନ୍ତ୍ରଣ ବ୍ୟବସ୍ଥା ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି କରାଯିବାର ଲକ୍ଷ୍ୟ

ରଖାଯାଇଛି । ମୃତ୍ତିକା ସଂରକ୍ଷଣ, ଜଳର ସମୁଚିତ ଉପଯୋଗ, ଶସ୍ୟଭଣ୍ଡାର ସ୍ଥାପନ ଓ ବିକ୍ରୟ ସୁବିଧା ପ୍ରଦାନ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦିଆଯାଉଛି । କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କ ଉନ୍ନତି ପ୍ରତି ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ । ଚଳିତ ବର୍ଷ ପାଇଁ ୬୨ ଲକ୍ଷ ୮୭ ହଜାର ଟନ୍ ଖାଦ୍ୟଶସ୍ୟ ଓ ୬ ଲକ୍ଷ ୫ ହଜାର ଟନ୍ ତୈଳବୀଜ ଉତ୍ପାଦନ ଲକ୍ଷ୍ୟ ରଖା ଯାଇଥିବା ସ୍ଥଳେ ଆସନ୍ତା ବର୍ଷକୁ ଏହା ଯଥାକ୍ରମେ ୬୮ ଲକ୍ଷ ୪୬ ହଜାର ଟନ୍ ଓ ୮ ଲକ୍ଷ ୮ ହଜାର ଟନ୍‌କୁ ବୃଦ୍ଧି କରାଯିବାର ପ୍ରସ୍ତାବ ହୋଇଛି । କୃଷି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ସମବାୟ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଚଳିତ ବର୍ଷ ୧୦୧ କୋଟି ଟଙ୍କା ଋଣ ଦିଆଯାଉଥିବା ସ୍ଥଳେ ୧୯୮୨-୮୩ ମସିହା ପାଇଁ ତାହା ୧୨୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ବିଶ୍ୱବ୍ୟାଙ୍କ୍ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ନିମନ୍ତେ ମିଳୁଥିବା ସାହାଯ୍ୟ ପୂର୍ଣ୍ଣମାତ୍ରାରେ ବିନିଯୋଗ କରାଯିବ । ଫଳଚାଷର ଉନ୍ନତି ପାଇଁ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ ।

୧୨ । ବୈଜ୍ଞାନିକ ପଦ୍ଧତିରେ ପ୍ରଜନନ, ସୁଷମ ଖାଦ୍ୟ ଏବଂ ଉନ୍ନତ ପଶୁ ଚିକିତ୍ସା ବିଧାନ କରି ଗୋ-ସମ୍ପଦ ବୃଦ୍ଧି ସାଙ୍ଗକୁ କ୍ଷୀର, କୁକୁଡ଼ା ଓ ଅଣ୍ଡା ପ୍ରଭୃତିର ଉତ୍ପାଦନ ବୃଦ୍ଧି ଆମ ପଶୁପାଳନ ଓ ଗୋ-ଉନ୍ନୟନ କାର୍ଯ୍ୟକ୍ରମର ପ୍ରଧାନ ଆଭିମୁଖ୍ୟ । ଅନୁନ୍ନତ ଜିଲ୍ଲାମାନଙ୍କରେ ଅଧିକ ସଂଖ୍ୟକ ହିମାଙ୍କ ଗୋ-ବୀଜ କେନ୍ଦ୍ରମାନ ସ୍ଥାପନ କରାଯିବାର ପ୍ରସ୍ତାବ ମଧ୍ୟ ଅଛି । ପଶୁ ସ୍ୱାସ୍ଥ୍ୟର ଉନ୍ନତି ବିଧାନ କ୍ଷେତ୍ରରେ ମଧ୍ୟ ଆମ ପ୍ରଚେଷ୍ଟା ଅବ୍ୟାହତ ରହିବ ।

୧୩ । ସଘନ ଯାଆଁଳ ଉତ୍ପାଦନ, ମତ୍ସ୍ୟଜୀବୀ ସମବାୟ ସମିତି ଜରିଆରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନର ବିକାଶ, ଖାରି ପାଣିରେ ମାଛଧରା ପ୍ରଣାଳୀର ଉନ୍ନତି, ସାମୁଦ୍ରିକ ଓ ଅନ୍ତର୍ଦେଶୀୟ ଧୀବରମାନଙ୍କୁ ଜୀବିକାର୍ଜ୍ଜନର ଅବଲମ୍ବନ ଯୋଗାଇଦେବା ପ୍ରଭୃତି ଆମ ମତ୍ସ୍ୟ ଉନ୍ନୟନ କାର୍ଯ୍ୟକ୍ରମର ବିଶେଷ ଅଙ୍ଗ । ମତ୍ସ୍ୟ ଚାଷୀଙ୍କର ଉନ୍ନୟନ ସଂସ୍ଥାଗୁଡ଼ିକ ନିମନ୍ତେ ବିଶ୍ୱବ୍ୟାଙ୍କରୁ ମିଳୁଥିବା ସାହାଯ୍ୟକୁ ଚାଲୁ ରଖାଯିବ । ମତ୍ସ୍ୟ ବୀଜ ଉନ୍ନୟନ ନିଗମର ଅଂଶଧନ ବୃଦ୍ଧି କରାଯାଇ ରାଜ୍ୟରେ ଜାତିଆ ମାଛର ପୁଞ୍ଜ ଯାଆଁଳ ଓ ବଡ଼ ଯାଆଁଳ ଉତ୍ପାଦନ ଓ ଯୋଗାଣ ବ୍ୟାପକ କରାଯିବ । ଖାରି ଜଳର ମତ୍ସ୍ୟଚାଷୀଙ୍କୁ କୂଳକୁ ମାଛ ଆଣିବା ଓ ଚୁଲ କରିବା ପାଇଁ ଆନୁଷଙ୍ଗିକ ସାହାଯ୍ୟ ଓ ସୁବିଧା ଯୋଗାଇ ଦିଆଯିବାର ବ୍ୟବସ୍ଥା ହେଉଛି ।

୧୪ । ନୂତନ ଜଙ୍ଗଲ ସୃଷ୍ଟି ଓ ନଷ୍ଟ ପ୍ରାୟ ଜଙ୍ଗଲର ପୁନରୁଦ୍ଧାର ସାଙ୍ଗକୁ ମିଶ୍ରିତ ଅର୍ଥକାରୀ ଜଙ୍ଗଲ ସୃଷ୍ଟି ଓ ଖୁବ୍ ଅଳ୍ପ ସମୟ ମଧ୍ୟରେ ବୃକ୍ଷରେ ପରିଣତ ହେଉଥିବା ଜାତିଆ ଗଛ ରୋପଣ କରିବା ଆମ ଜଙ୍ଗଲ ଉନ୍ନୟନ ଯୋଜନାର ପରିସରଭୁକ୍ତ । ଗ୍ରାମାଞ୍ଚଳରେ ଜାଳେଣି କାଠର ଚାହିଦା ମେଣ୍ଟାଇବା ପାଇଁ ଉପଯୁକ୍ତ ଗଛ ରୋପଣ କରିବାକୁ ବ୍ୟବସ୍ଥା କରାଯାଉଛି ।

୧୫ । କ୍ଷୁଦ୍ର ଜଳସେଚନ ପରିକଳ୍ପନାକୁ ମିଶାଇ କୃଷି, ସମବାୟ ଏବଂ ତତ୍ସମ୍ପର୍କୀୟ ଆନୁଷଙ୍ଗିକ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୬୯ କୋଟି ୩୨ ଲକ୍ଷ ଟଙ୍କା ବଜେଟ ଥିବା ସ୍ଥଳେ ଆସନ୍ତା ବର୍ଷ ବଜେଟରେ ୭୧ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

୧୬ । କୃଷିର ବିକାଶ ନିମନ୍ତେ ଜଳସେଚନର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ୧୯୮୨-୮୩ ମସିହା ରାଜ୍ୟ ଯୋଜନାର ଏକ ସୁବୃହତ ଅଂଶ ଏହି କ୍ଷେତ୍ର ପାଇଁ ରଖାଯାଇଅଛି । ଆମର ଉନ୍ନୟନ ପରିକଳ୍ପନାରେ ଜଳସେଚିତ ଜମିର ପରିମାଣ ବୃଦ୍ଧି ସାଙ୍ଗକୁ ସୃଷ୍ଟ ହୋଇଥିବା ଜଳସେଚନ ସୁବିଧାର ପୂର୍ଣ୍ଣ ବିନିଯୋଗ କରିବା ପ୍ରତି ପ୍ରାଧାନ୍ୟ ଦିଆଯାଇଅଛି । ମରୁଡ଼ିକ୍ଲିଷ୍ଟ ଓ ଆଦିବାସୀ ବହୁଳ ଅଞ୍ଚଳ ଗୁଡ଼ିକରେ ଜଳସେଚନ ସୁବିଧାର ପ୍ରସାର କରିବା ପାଇଁ ଯୋଜନାରେ ବରାଦ୍ ହୋଇଥିବା ଅର୍ଥର ଶତକଡ଼ା ୭୪ ଭାଗ ସେହିସବୁ ଅଞ୍ଚଳରେ ବ୍ୟୟ କରାଯିବ । ଆସନ୍ତା ବର୍ଷ ଅଧିକା ୬୭ ହଜାର ୨୮୦ ହେକ୍ଟର ଜମି ପାଇଁ ଜଳସେଚନ ସୁବିଧା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଅଛି । ଏତଦ୍ବ୍ୟତୀତ, ନବେ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବାର ସାମର୍ଥ୍ୟ ଥିବା ସୁବର୍ଣ୍ଣରେଖା ଜଳସେଚନ ଯୋଜନାକୁ ମଧ୍ୟ ଆସନ୍ତା ବର୍ଷ କାର୍ଯ୍ୟକାରୀ କରାଯିବ ।

୧୭ । ଶିଳ୍ପର ଉନ୍ନତି ପାଇଁ ବିଦ୍ୟୁତ୍ଶକ୍ତି ଅପରିହାର୍ଯ୍ୟ ହୋଇଥିବାରୁ ଆସନ୍ତା ବର୍ଷ ଯୋଜନାରେ ବିଦ୍ୟୁତ୍ଶକ୍ତି ଉତ୍ପାଦନ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଅଛି । ବିଦ୍ୟୁତ୍ଶକ୍ତି ପ୍ରକଳ୍ପ ଗୁଡ଼ିକ ପାଇଁ ରାଜ୍ୟଯୋଜନାରେ ସର୍ବାପେକ୍ଷା ବୃହତ ଅଂଶ ରଖାଯାଇଅଛି । ଚଳିତ ବର୍ଷ ଏଥି ସକାଶେ ୭୫ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିଲା ବେଳେ ଆସନ୍ତା ବର୍ଷ ପାଇଁ ରାଜ୍ୟ ବିଦ୍ୟୁତ୍ ବୋର୍ଡର ୩୮ କୋଟି ୯୬ ଲକ୍ଷ

ଟଙ୍କାକୁ ମିଶାଇ ୮୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ତାଳଚେର ତାପଜ୍ଜ ବିଦ୍ୟୁତ୍ କେନ୍ଦ୍ରର ଆଉ ଦୁଇଟି ୟୁନିଟ୍ ୧୯୮୨ ମସିହାରେ କାର୍ଯ୍ୟକାରୀ କରାଯିବ । ଆଦିବାସୀ ଉପଯୋଜନା ଅନ୍ତର୍ଭୁକ୍ତ ଅଞ୍ଚଳର ୬୮୧ ଗ୍ରାମ ସମେତ ୧,୨୦୦ ଗ୍ରାମକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଉଛି ।

୧୮ । ରାଜ୍ୟର ଦ୍ରୁତ ଶିଳ୍ପାୟନ ପ୍ରତି ଆମ ସରକାର ପ୍ରାଧାନ୍ୟ ଦେଇ-ଅଛନ୍ତି । ଶିଳ୍ପନୀତିରେ ଥିବା ଆକର୍ଷଣୀୟ ସୁବିଧା ସମୂହ ରାଜ୍ୟର ଶିଳ୍ପ ଅଭି-ବୃଦ୍ଧିରେ ବିଶେଷ ସାହାଯ୍ୟ କରିଅଛି । ଆମର ଉଦ୍ୟମ ଯୋଗୁଁ ୨୦୦ କୋଟି ଟଙ୍କା ପୁଞ୍ଜି ବିନିମୟରେ ୩ ଗୋଟି ସମବାୟ ସୂତାକଳ ସାଙ୍ଗକୁ ୩୫ ଟି ମଧ୍ୟମ ଧରଣର ଓ ୧୪ଟି ବୃହତ୍ ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି । ଏହାଦ୍ୱାରା ରାଜ୍ୟର ପ୍ରାୟ ୩୦ ହଜାର ଲୋକ ନିଯୁକ୍ତି ପାଇ ପାରିବେ । ଏତଦ୍‌ବ୍ୟତୀତ, ୮୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରି ୪ଟି ସମବାୟ ସୂତାକଳ ସାଙ୍ଗକୁ ୧୧୮ ଟି ମଧ୍ୟମ ଧରଣର ଶିଳ୍ପ ଓ ୪୦ଟି ବୃହତ୍ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ଚାଲୁରହିଛି । ଚଉଦ୍ୱାର ନିକଟରେ ଗୋଟିଏ ଶିଳ୍ପ କେନ୍ଦ୍ର ସ୍ଥାପନ କରାହେଉଛି ଏବଂ ଏହି ଯୋଜନାନୁଯାୟୀ ସେଠାରେ ୧୦ଟି ପ୍ରଧାନ ଶିଳ୍ପ ଓ ୬୦ ଗୋଟି ସାହାଯ୍ୟକାରୀ ଶିଳ୍ପ ପ୍ରତିଷ୍ଠା କରାଯିବ । ଶିଳ୍ପ କ୍ଷେତ୍ରରେ ଅନୁନ୍ନତ ମୟୂରଭଞ୍ଜ, ଢେଙ୍କାନାଳ, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାଗୁଡ଼ିକରେ ଗୋଟିଏ ଲେଖାଏଁ ଅନୁରୂପ ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରିବାର ଯୋଜନା ରହିଛି । ଶିଳ୍ପ ବିକାଶ ଓ ବିନିଯୋଗ ନିଗମ ହାତକୁ ନେଇ ସାରିଥିବା ଶିଳ୍ପଗୁଡ଼ିକୁ ବାଦ୍ ଦେଇ ଅଧିକା ୧୯୬ ଟି ମଧ୍ୟମ ଓ ବୃହତ ଶିଳ୍ପ ପରିଯୋଜନା କାର୍ଯ୍ୟକାରୀ କରିବା ପାଇଁ ଚିହ୍ନଟ କରିସାରିଛନ୍ତି । ସେହିପରି ଶିଳ୍ପ ଉନ୍ନୟନ ନିଗମ ମଧ୍ୟ ଆଉ ୩୪ ଗୋଟି ନୂତନ ପରିକଳ୍ପନା ଚିହ୍ନଟ କରିସାରି-ଛନ୍ତି । ମୌଳିକ ଉପାଦାନ ଯୋଗାଣ ନିଗମ ଶିଳ୍ପୋଦ୍ୟୋଗୀମାନଙ୍କୁ ଜମି, କାର-ଖାନା ଘର ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୁବିଧା ଯୋଗାଇଦେବା କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି । ଇଲେକ୍‌ଟ୍ରୋନିକ୍ ଉନ୍ନୟନ ନିଗମ ୮ ଗୋଟି ମଧ୍ୟମ ଓ ବୃହତ ଇଲେକ୍‌ଟ୍ରୋନିକ୍ ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା କରିବାର ପ୍ରସ୍ତାବ ରଖିଛନ୍ତି । ଏହି ଶିଳ୍ପକେନ୍ଦ୍ରରୁ ଦୂରଦର୍ଶନ ଯନ୍ତ୍ର, ସୁଲଭ ରେଡ଼ିଓ ପ୍ରଭୃତି ଉତ୍ପାଦିତ ହେବ । ଓଡ଼ିଶା ରାଜ୍ୟ ଅର୍ଥ ନିଗମ ଅଧିକ ସଂଖ୍ୟକ ଶିଳ୍ପୋଦ୍ୟୋଗୀଙ୍କୁ ଶିଳ୍ପକ୍ଷେତ୍ରରେ ସାହାଯ୍ୟ କରିବା ପାଇଁ

ପ୍ରସ୍ତାବ କରିଅଛନ୍ତି । ଆସନ୍ତା ବର୍ଷ ପାଇଁ ୨୦,୭୭୦ ଲୋକଙ୍କୁ ନିଯୁକ୍ତି ଦେଇ ପାରିବା ଭଳି ୨,୮୦୦ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କରିବାର ପ୍ରସ୍ତାବ ଅଛି । ରୁଗ୍‌ଣ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠାନ-ଗୁଡ଼ିକୁ ଉଜ୍ଜୀବିତ କରିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ଏବଂ ପ୍ରାୟ ୬,୦୦୦ ଲୋକଙ୍କୁ ବେକାର କରି ଦେଇଥିବା ଓଡ଼ିଶା ଟେକ୍ସଟାଇଲ୍ ମିଲକୁ ଭାରତ ସରକାର ଏବଂ ଅନ୍ୟାନ୍ୟ ଅର୍ଥ ସାହାଯ୍ୟକାରୀ ସଂସ୍ଥାମାନଙ୍କ ସହାୟତାରେ ଉତ୍ପାଦନକ୍ଷମ କରା-ଯାଇ ପାରିଛି ।

୧୯ । ଗ୍ରାମ୍ୟ ଶିଳ୍ପ ତଥା କାରୀଗରଙ୍କ ଉନ୍ନତିକଳ୍ପେ ହସ୍ତତନ୍ତ, ରେଶମ ଓ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବା ଉଦ୍ୟମ ଅବ୍ୟାହତ ରଖାଯାଉଛି ।

୨୦ । ଖଣିଜ ଦ୍ରବ୍ୟର ବିଶେଷ ଅନୁସନ୍ଧାନ କରାଯିବା ଫଳରେ ରାଜ୍ୟରେ ମହଜୁଦ ଥିବା କୋଇଲା, କ୍ରୋମାଇଟ୍ ଚୂନ ପଥର ଚିହ୍ନଟ କରାଯାଇ ପାରିଛି । କୋରାପୁଟ ଜିଲ୍ଲାର ସାଲିମି ଅଞ୍ଚଳରେ ମହଜୁଦ ଥିବା ଟିଣ ଧାତୁର ଅନୁସନ୍ଧାନ କାର୍ଯ୍ୟ ଚାଲୁ ରହିଛି । ଧାତବ ଦ୍ରବ୍ୟର ଅନୁସନ୍ଧାନ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ କରାଯିବ । ଗୋଟିଏ ବିଦେଶୀ ସଂସ୍ଥାର ସହାୟତାରେ ସୁର୍ଯ୍ୟକ୍ରୋମ୍ ପରିକଳ୍ପନା ୧୯୮୨-୮୩ ମସିହାରେ କାର୍ଯ୍ୟ ଆରମ୍ଭ କରିବାର ପ୍ରସ୍ତାବ ରହିଛି ।

୨୧ । ଶିଳ୍ପ ଓ ଖଣି ଉନ୍ନୟନ କ୍ଷେତ୍ରରେ ଚଳିତ ବର୍ଷ ୧୪ କୋଟି ୨ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା ଥିବା ସ୍ଥଳେ ୧୯୮୨-୮୩ ମସିହା ପାଇଁ ତାହା ୧୫ କୋଟି ୮୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।

୨୨ । ଜନ ସମ୍ବଳର ବିକାଶ ଉଦ୍ଦେଶ୍ୟରେ ଆମର ଉନ୍ନୟନ ଯୋଜନାଗୁଡ଼ିକ ମଧ୍ୟରେ ଶିକ୍ଷାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆ ଯାଇଛି । ପ୍ରାଥମିକ ଶିକ୍ଷା ସ୍ତରରେ ଉନ୍ନତ ସୁବିଧା ସୁଯୋଗ ମାନ ଯୋଗାଇ ଦେବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ଶିକ୍ଷାସ୍ତର ମାନଙ୍କର ବିକାଶ ଦିଗରେ ସମୁଚିତ ଦୃଷ୍ଟି ଦିଆଯାଇଛି । ଏ ବର୍ଷ ପ୍ରତିଷ୍ଠିତ ହୋଇଥିବା ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚତର ମାଧ୍ୟମିକ (+୨) ବୋର୍ଡ଼ ଗଠନ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଅଛି । ଶିକ୍ଷା ପାଇଁ ରାଜ୍ୟ ଯୋଜନା କ୍ଷେତ୍ରରେ ୯ କୋଟି ୬୦ ଲକ୍ଷ ଟଙ୍କା ସାଙ୍ଗକୁ ଅଣଯୋଜନା କ୍ଷେତ୍ରରେ ୧୧୮ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରାଯାଇଛି ।

୨୩ । ରାଜ୍ୟର ଗ୍ରାମାଞ୍ଚଳରେ ଓ ଆଦିବାସୀ ବହୁଳ ଅଞ୍ଚଳମାନଙ୍କରେ ରୋଗର ନିରାକରଣ ଓ ପ୍ରତିଷେଧକ ବ୍ୟବସ୍ଥାକୁ ପ୍ରସାର କରାଇବା ଆମ ଚିକିତ୍ସା ଓ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ପ୍ରଧାନ ଆଭିମୁଖ୍ୟ । ପରିବାର କଲ୍ୟାଣ ଏବଂ ସଂକ୍ରାମକ ରୋଗର ନିରାକରଣ ପ୍ରତି ମଧ୍ୟ ସଜାଗ ଦୃଷ୍ଟି ଦିଆଯାଉଛି । ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସହାୟକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବ୍-କେନ୍ଦ୍ର ସ୍ଥାପନ ସହିତ ୧୯୮୨-୮୩ ମସିହାରେ ଫାର୍ମାସିଷ୍ଟ, ନର୍ସ, ଲବୋରେଟରୀ ଟେକ୍‌ନିସିଆନ୍, ରେଡ଼ିଓ-ଗ୍ରାଫରମାନଙ୍କର ପ୍ରଶିକ୍ଷଣ ବ୍ୟବସ୍ଥା ଖୁବ୍ ରଖାଯାଇଛି । ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କାର୍ଯ୍ୟ ଓ ସ୍ୱାସ୍ଥ୍ୟର ମୌଳିକ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ପାଇଁ ରାଜ୍ୟରେ ପାଞ୍ଚ ଗୋଟି ଜିଲ୍ଲାରେ ନିଆଯାଇଥିବା ଯୋଜନା କାର୍ଯ୍ୟକ୍ରମ ପାଇଁ ଆସନ୍ତା ବର୍ଷ ବଜେଟ୍‌ରେ ୭ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି । ଦେଶଜ ଓ ହୋମିଓପାଥିକ୍ ଚିକିତ୍ସାର ପ୍ରସାର ପାଇଁ ମଧ୍ୟ ବ୍ୟବସ୍ଥା ରହିଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ୧୯୮୨-୮୩ ମସିହା ବଜେଟ୍‌ରେ ବ୍ରିଟିଶ୍ ସହାୟତାରେ ପ୍ରବର୍ତ୍ତିତ କାର୍ଯ୍ୟକ୍ରମ ଓ ଆଦିବାସୀମାନଙ୍କ ପାଇଁ ବିଶେଷ ସାହାଯ୍ୟ କାର୍ଯ୍ୟକ୍ରମକୁ ମିଶାଇ ୧୪ କୋଟି ୪୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

୨୪ । ଆମ ଲୋକସଂଖ୍ୟାର ଏକ ବିଶେଷ ଭାଗ ହେଉଛନ୍ତି ଆଦିବାସୀ ଓ ହରିଜନ । ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତି ବିଧାନ କରିବା ଆମର ପ୍ରଧାନ ଲକ୍ଷ୍ୟ । ସେମାନଙ୍କର ଅର୍ଥନୈତିକ ଅବସ୍ଥାର ମାନ ଉନ୍ନତି କରିବା ପାଇଁ ସେମାନଙ୍କୁ ଅଧିକ ପରିମାଣରେ ରୋଜଗାର କରିବାର ସୁବିଧା ଯୋଗାଇ ଦେବା ଏବଂ ଶିକ୍ଷା ମାଧ୍ୟମରେ ସେମାନଙ୍କୁ ତାଙ୍କର ଅଧିକାର ଓ ସାମାଜିକ ଦାୟିତ୍ୱବୋଧ ପ୍ରତି ସଚେତନ କରାଇବା ଆମର ଲକ୍ଷ୍ୟ । ୧୯୮୨-୮୩ ମସିହାରେ ଦାରିଦ୍ର୍ୟ ଦୂରୀକରଣ ଓ ଆୟକାରୀ ପନ୍ଥା ପରିଯୋଜନାରେ ଅଧିକ ସଂଖ୍ୟକ ଆଦିବାସୀ ଓ ହରିଜନ ପରିବାର ଅନ୍ତର୍ଭୁକ୍ତ ହେବେ । ଅତିମାତ୍ରାରେ ଅନୁନ୍ନତ ଆଦିମ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି । ହରିଜନମାନଙ୍କ ଆର୍ଥିକ ଅବସ୍ଥାର ଦ୍ରୁତ ଉନ୍ନତି ନିମନ୍ତେ "ହରିଜନ ଅର୍ଥ ନିଗମ" ବିଶେଷ ସହାୟକ ହେବ । ସମନ୍ୱିତ ଆଦିବାସୀ ଉନ୍ନୟନ ପରିଯୋଜନା, ହରିଜନ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବିଶେଷ ପରିକଳ୍ପନା, ପରିବର୍ତ୍ତିତ ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମ, ଆଦିମ

ଅଧିବାସୀମାନଙ୍କ ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ଚାଲୁରହିବ। ଆଦିବାସୀ ଅଞ୍ଚଳ ଉପଯୋଜନା ଓ ହରିଜନ କଲ୍ୟାଣ ପାଇଁ ୧୯୮୧-୮୨ ମସିହା ବଜେଟ୍‌ରେ ୧୦୮ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବା ସ୍ଥଳେ ୧୯୮୨-୮୩ ମସିହା ବଜେଟ୍‌ରେ ୧୩୨ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି।

୨୫। ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ରାଜ୍ୟର ଚାହିଦା ମୁତାବକ ଯୋଗାଇ ଦେବା ଓ ସୁଷ୍ଠୁରୂପେ ବଣ୍ଟନ କରିବା ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଉଚିତ ମୂଲ୍ୟରେ ସାଧାରଣ ଲୋକଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବା ନିମନ୍ତେ ରାଜ୍ୟରେ ୧୬ ହଜାର ୫୬ ଗୋଟି ସୁଲଭ ମୂଲ୍ୟର ଦୋକାନ ଖୋଲା-ଯାଇଅଛି ଏବଂ ସେହି ଦୋକାନଗୁଡ଼ିକ ଜରିଆରେ ଆମର ସାଧାରଣ ବଣ୍ଟନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଅଛି। ଏହି ବଣ୍ଟନ ବ୍ୟବସ୍ଥାକୁ ଫଳପ୍ରଦ କରିବା ପାଇଁ ବ୍ଲକ୍ ସ୍ତରରେ ଡିପୋମାନ ଖୋଲାଯାଇଛି ଏବଂ ସମବାୟ ସଂସ୍ଥାଗୁଡ଼ିକୁ ବହୁ ସଂଖ୍ୟାରେ ଏହି ବଣ୍ଟନ କାର୍ଯ୍ୟକ୍ରମରେ ନିୟୋଗ କରାଯାଇଛି। ପ୍ରତି ଗ୍ରାମପଞ୍ଚାୟତର ସଦର ମହକୁମାରେ ଅତି କମ୍‌ରେ ଗୋଟିଏ ଲେଖାଏଁ ଖାଉଟି ସମବାୟ ଭଣ୍ଡାର ଖୋଲି ତାହା ଜରିଆରେ ଅତ୍ୟାବଶ୍ୟକୀୟ ଓ ଦୈନିକ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ଆମେ କାର୍ଯ୍ୟକ୍ରମ ରଖିଅଛୁ। ରାଜ୍ୟ 'ସିଭିଲ ସପ୍ଲାଇ ନିଗମ' ଏହି ସବୁ ସାମଗ୍ରୀର ସଂଗ୍ରହ ଓ ବଣ୍ଟନ ଭାର ଗ୍ରହଣ କରିଅଛନ୍ତି। ଓଡ଼ିଶା ରାଜ୍ୟ ସମବାୟ ବାଣିଜ୍ୟିକ ସଂସ୍ଥା (State Co-operative Marketing Federation) ମଧ୍ୟ କେତେକ ସାମଗ୍ରୀ ସଂଗ୍ରହ କରିବାରେ ସାହାଯ୍ୟ କରୁଛନ୍ତି।

୨୬। ଭୂମିହୀନ ଓ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ପୂର୍ବପରି ଘର ଓ ଘରଡ଼ିହ ଯୋଗାଇ ଦେବା ଆମର ଲକ୍ଷ୍ୟ ରହିଛି। ରାଜ୍ୟର ବନ୍ୟାବିପନ୍ନ ଅଞ୍ଚଳଗୁଡ଼ିକରେ ଏକ ବୃହତ ପଲ୍ଲୀ ବାସଗୃହ ନିର୍ମାଣ ଯୋଜନା ହାତକୁ ନିଆଯାଇଅଛି ଏବଂ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଜରିଆରେ ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ୨୦ ହଜାର ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବାସଗୃହଗୁଡ଼ିକର ଉନ୍ନତି ବିଧାନ ସକାଶେ ନିମ୍ନ ଓ ମଧ୍ୟ ଆୟକାରୀ ବ୍ୟକ୍ତି ବିଶେଷଙ୍କୁ ଋଣ-ଯୋଜନା ଏବଂ ଗ୍ରାମ୍ୟ ଗୃହନିର୍ମାଣ ଯୋଜନା ଜରିଆରେ ଗ୍ରାମବାସୀଙ୍କୁ ସାହାଯ୍ୟ କରିବାର ବ୍ୟବସ୍ଥା ଚାଲୁ ରଖାଯାଇଛି। ଭୂମିହୀନ ଶ୍ରମିକମାନଙ୍କୁ ଘରଡ଼ିହ ଓ ଘର ତିଆରି ପାଇଁ ଉପଯୁକ୍ତ ସାହାଯ୍ୟ ଦିଆଯିବ।

"ଉନ୍ନୟନ ନ୍ୟାସ" (Improvement Trusts) ସହରାଞ୍ଚଳରେ ବାସଗୃହର ବିକାଶ-ସାଧନ ଦିଗରେ କାର୍ଯ୍ୟ ଗ୍ରହଣ କରିବେ । କେତେକ ସହରରେ ଅପରିଷ୍କାର ବସ୍ତି ଅଞ୍ଚଳରେ ବାସକରୁଥିବା ଲୋକମାନଙ୍କୁ ମୌଳିକ ସେବା ଯୋଗାଇ ଦେବାର କାର୍ଯ୍ୟକ୍ରମ ମଧ୍ୟ ଗ୍ରହଣ କରାଯିବ । ଏହି ଗୃହର ବିଚାର ପାଇଁ ଓଡ଼ିଶା ଡେଭଲପ୍‌ମେଣ୍ଟ ଅଥରିଟିଜ ବିଲ୍ ଉପସ୍ଥାପିତ କରାଯାଇଅଛି ।

ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ଶିଳ୍ପାଞ୍ଚଳ ଓ ଅନ୍ୟାନ୍ୟ ବିକାଶୋନ୍ମୁଖୀ ଅଞ୍ଚଳଗୁଡ଼ିକୁ ସୁସଂଗତ ଓ ଯୋଜନାବଦ୍ଧ ଭାବରେ ସହରାଞ୍ଚଳରେ ପରିଣତ କରାଯାଇ ପାରିବ ।

୨୭ । ଗ୍ରାମାଞ୍ଚଳରେ ପେୟ ପାନୀୟ ଜଳ ଏବଂ ସହରବାସୀଙ୍କୁ ସୁରକ୍ଷିତ ପାନୀୟ ଜଳ ଯୋଗାଇ ଦେବା ଆମର ପ୍ରଧାନ କାର୍ଯ୍ୟକ୍ରମ ଗୁଡ଼ିକର ଅଂଗବିଶେଷ । ୧୯୮୨-୮୩ ମସିହାରେ ୫,୯୩୨ ଟି ନଳକୂପ ଖନନ ଓ ୨,୦୮୫ ଟି ସ୍ୱାସ୍ଥ୍ୟକର ପକ୍କା କୂଅ ନିର୍ମାଣ କରିବା ପାଇଁ ବଜେଟରେ ବ୍ୟବସ୍ଥା ଅଛି । ରାଜ୍ୟର ଲୁଣି ଅଞ୍ଚଳରେ ଅବସ୍ଥିତ ଗ୍ରାମମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ସକାଶେ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ତାହା (Danish International Development Agency)ଙ୍କ ସହାୟତାରେ ଅଧିକ ବ୍ୟାପକ ହେବାର ସମ୍ଭାବନା ଅଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରାୟ ୩୩ ଲକ୍ଷ ଲୋକ ଉପକୃତ ହେବେ । ସହରାଞ୍ଚଳ ପାଇଁ କାର୍ଯ୍ୟକାରୀ ହେଉଥିବା ୧୭ ଗୋଟି ଓ ନୂତନ ୫ ଗୋଟି ସୁରକ୍ଷିତ ପାନୀୟ ଜଳ ଯୋଗାଣ ଯୋଜନା ମଧ୍ୟରୁ ୧୯୮୧-୮୨ ମସିହାରେ ୧୩ ଗୋଟି ସଂପୂର୍ଣ୍ଣ ହେବାର ଆଶା କରାଯାଏ । ୧୯୮୨-୮୩ ମସିହାରେ ଅଧିକା ୭ ଗୋଟି ନୂଆ ଯୋଜନା ହାତକୁ ନିଆଯିବ । ରାଜ୍ୟରେ ପାନୀୟ ଜଳ ଯୋଗାଣ ପାଇଁ ୧୯୮୧-୮୨ ବର୍ଷରେ ୮ କୋଟି ୨୫ ଲକ୍ଷ ଟଙ୍କା ଥିବା ସ୍ଥଳେ ଆସନ୍ତା ବର୍ଷ ପାଇଁ ୯ କୋଟି ୧୫ ଲକ୍ଷ ଟଙ୍କା ବଜେଟ୍‌ରେ ବ୍ୟବସ୍ଥା ହୋଇଛି । ତା ସାଙ୍ଗକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ତ୍ୱରାନ୍ୱିତ-ଗ୍ରାମ୍ୟ ଜଳ ଯୋଗାଣ ପରିକଳ୍ପନା ବାବଦ ମଧ୍ୟ ଅର୍ଥ ମିଳିବାର ଆଶା ଅଛି ।

୨୮ । ପରିବହନ ଓ ଯୋଗାଯୋଗ ହେଉଛି ଦେଶର ଅର୍ଥନୈତିକ ଅଭିବୃଦ୍ଧିର ଗୋଟିଏ ମୂଳ ଉପାଦାନ । ତେଣୁ ଏହି କ୍ଷେତ୍ରରେ ଥିବା ଅସୁବିଧାଗୁଡ଼ିକୁ ଦୂରକରି ଜାତୀୟ ସ୍ତରକୁ ଆସିବା ପାଇଁ ଆମେ ବଦ୍ଧପରିକର ।

ଯଖପୁରା–ବାଂଶପାଣି ରେଳରାସ୍ତାର ୨ୟ ପର୍ଯ୍ୟାୟ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ । ଓଡ଼ିଶାରେ ଗୋଟିଏ ପୃଥକ ରେଳ ମଣ୍ଡଳ ଓ ଗୋଟିଏ ଅତିରିକ୍ତ ଡିଭିଜନ୍ ସୃଷ୍ଟି କରିବା ପାଇଁ ଆମେ ଦାବୀ କରି ଆସୁଛୁ ।

୨୯ । ସଡ଼କ ଉନ୍ନୟନ କ୍ଷେତ୍ରରେ ଅସମ୍ପୂର୍ଣ୍ଣ ରାସ୍ତାଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଏବଂ ୧,୫୦୦ ବା ତଦୂର୍ଦ୍ଧ୍ୱ ଲୋକସଂଖ୍ୟା ବିଶିଷ୍ଟ ଗ୍ରାମ ତଥା ପଲ୍ଲୀପୁଞ୍ଜ ଗୁଡ଼ିକୁ ସବୁଦିନିଆ ରାସ୍ତାଦ୍ୱାରା ସଂଯୋଗ କରିବା ଆମର ଲକ୍ଷ୍ୟ । ୧୯୮୨-୮୩ ଆର୍ଥିକ ବର୍ଷରେ ନ୍ୟୂନତମ ଆବଶ୍ୟକତା କାର୍ଯ୍ୟକ୍ରମ ଜରିଆରେ କାର୍ଯ୍ୟକାରୀ ହେଉଥିବା ୧୦୦ ଗୋଟି ରାସ୍ତାକୁ ସମ୍ପୂର୍ଣ୍ଣ କରାଯିବ । ଏତଦ୍‌ବ୍ୟତୀତ ୬୨ଟି ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହାତକୁ ନିଆଯିବ ।

୩୦ । "ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ" ଜନସାଧାରଣଙ୍କର ଗମନାଗମନର ସୁବିଧା ଉଲ୍ଲେଖନୀୟ ଭାବରେ ଯୋଗାଇ ଦେଇଥାଏ । ଉକ୍ତ ନିଗମ ୧୯୮୨-୮୩ ଆର୍ଥିକ ବର୍ଷରେ ୧୩୫ଟି ନୂଆ ବସ୍ ଚଳାଚଳ କରିବାର ପ୍ରସ୍ତାବ ରଖିଛି । ସାମାଜିକ ହିତ ଦୃଷ୍ଟିରୁ ଛାତ୍ରଛାତ୍ରୀମାନଙ୍କ ଯାତାୟତର ସୁବିଧା ପାଇଁ ସାଧାରଣ ବସ୍ ଭଡ଼ାର ଅର୍ଦ୍ଧେକ ରିହାତି ଦିଆଯାଇଛି । ଗୋପାଳପୁର ଠାରେ ଗୋଟିଏ କ୍ଷୁଦ୍ର ବନ୍ଦର ନିର୍ମାଣ କରିବା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି । ଏହା ସାଙ୍ଗକୁ ଅନ୍ତର୍ଦେଶୀୟ ଜଳପଥ ପରିବହନ ସୁବିଧାର ବିକାଶ ପାଇଁ ମଧ୍ୟ ଦୃଷ୍ଟି ଦିଆଯିବ । ଚଳିତବର୍ଷ ବଜେଟ୍‌ରେ ପରିବହନ ଓ ଗମନାଗମନ ବାବଦରେ ରାଜ୍ୟର ଯୋଜନା ବ୍ୟୟ ୧୬ କୋଟି ୧୬ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୨-୮୩ ବଜେଟ୍‌ରେ ଏହାକୁ ୧୭ କୋଟି ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରା ଯାଇଛି ।

୩୧ । ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ପାନ୍ଥଶାଳା ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି । "ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ" ରାଜ୍ୟରେ ପର୍ଯ୍ୟଟକଙ୍କୁ ସବୁପ୍ରକାର ସୁବିଧା ଯୋଗାଇ ଦେବା କାର୍ଯ୍ୟ ହାତକୁ ନେଇଛନ୍ତି । ପର୍ଯ୍ୟଟକ କେନ୍ଦ୍ରମାନଙ୍କରେ ମୋଟେଲ ସ୍ଥାପନ, ପର୍ଯ୍ୟଟକମାନଙ୍କ ଯାତାୟତ ସୁବିଧା ପାଇଁ ଅଧିକ ସୁଖପ୍ରଦ ବସ୍ ଚଳାଚଳ ଏବଂ ପର୍ଯ୍ୟଟନ କେନ୍ଦ୍ରମାନଙ୍କର ବିକାଶ ସାଧନ କରାଯିବାର ପ୍ରସ୍ତାବମାନ ଅଛି । ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ଆସନ୍ତା ବର୍ଷ ବଜେଟ୍‌ରେ ୬୨ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା ଅଛି ।

୩୨ । ଶ୍ରମିକ ଶ୍ରେଣୀର ସ୍ୱାର୍ଥରକ୍ଷା ଆମର ଅନ୍ୟାନ୍ୟ ପ୍ରଧାନ ଲକ୍ଷ୍ୟମାନଙ୍କ ମଧ୍ୟରେ ଅନ୍ୟତମ । ଗ୍ରାମ୍ୟ ଶ୍ରମିକମାନଙ୍କୁ ସଙ୍ଗଠିତକରି ସେମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଶିକ୍ଷା ଦେବା ଓ ସଚେତନ କରିବା ପାଇଁ ରାଜ୍ୟର ଅନୁନ୍ନତ ଅଞ୍ଚଳମାନଙ୍କ ମଧ୍ୟରେ ବଛାଯାଇଥିବା କେତେକ ବ୍ଲକରେ ଗୋଟିଏ ଯୋଜନା କାର୍ଯ୍ୟକାରୀ କରାଯାଉଛି । ଗୋତି ପ୍ରଥାର ଉଚ୍ଛେଦ କରି ସେହି ଶ୍ରେଣୀର ଶ୍ରମିକମାନଙ୍କୁ ଥଇଥାନ କରିବା ପାଇଁ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି । ଶିଳ୍ପ କ୍ଷେତ୍ରରେ ଶ୍ରମିକମାନଙ୍କ ନିରାପତ୍ତା ଏବଂ ବିଭିନ୍ନ ଶ୍ରମଜନିତ ରୋଗର ନିରାକରଣ ବ୍ୟବସ୍ଥା ପ୍ରତି ମଧ୍ୟ ସରକାର ସଜାଗ ଅଛନ୍ତି । ଶିଳ୍ପ କ୍ଷେତ୍ରରେ ନିଯୁକ୍ତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ଓ ସ୍ୱାସ୍ଥ୍ୟ ବୀମା ପାଇଁ ଅଧିକ ସଂଖ୍ୟକ ଶ୍ରମିକଙ୍କୁ "କର୍ମଚାରୀ ବୀମା ଯୋଜନାର" ପରିସର ଭୁକ୍ତ କରାଯିବ । ଆଶା କରାଯାଏ ଯେ ଶ୍ରମିକମାନେ ସେମାନଙ୍କ ସାମାଜିକ ଓ ନୈତିକ ଦାୟିତ୍ୱ ତୁଲାଇବାରେ ଆଗ୍ରହ ପ୍ରକାଶ କରିବେ ।

୩୩ । ଫଳପ୍ରସୂ କର୍ମ ନିଯୁକ୍ତି ପାଇଁ ସର୍ବବିଧ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ସଂକଳ୍ପ ବଦ୍ଧ । ଏହି ଦୃଷ୍ଟିରୁ ଯୁବକମାନଙ୍କୁ ବିଭିନ୍ନ କ୍ଷେତ୍ରରେ ବୃତ୍ତିଗତ ତାଲିମ ଦେବାର କେତେକ ପଦକ୍ଷେପ ନିଆ ଯାଇଛି । କର୍ମ ନିଯୁକ୍ତି ଆଶାୟୀ ଗ୍ରାମୀଣ ଯୁବକମାନଙ୍କୁ ଗ୍ରାମ୍ୟ କର୍ମାଭିମୁଖୀ ଧନ୍ଦା ବିଷୟରେ ଶିକ୍ଷାଦେବା ପାଇଁ ଟ୍ରାଇସେମ୍ ଯୋଜନା କାର୍ଯ୍ୟକାରୀ କରାଯାଉଛି । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତିର ସୁବିଧା ଦେବା ସକାଶେ ଶିଳ୍ପୋଦ୍ୟୋଗୀମାନଙ୍କ ସହିତ ସଂପର୍କ ରଖାଯାଇଛି । ଆତ୍ମ ନିଯୁକ୍ତି ସୁଯୋଗର ସଂପ୍ରସାରଣ ପାଇଁ ନିଶ୍ଚିତ ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି । ଆଶା କରାଯାଏ ଯେ ଏହିସବୁ ଉଦ୍ୟମ ଯୋଗୁଁ ବେକାର ସଂଖ୍ୟା ଯାହାକି ଷଷ୍ଠ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ କାଳରେ ୨୨ ଲକ୍ଷ ୬୦ ହଜାର ଥିଲା, ତାହା ହ୍ରାସ ପାଇବ । ଗ୍ରାମାଞ୍ଚଳର ଦରିଦ୍ର ଲୋକମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କଳ୍ପେ କର୍ମ ନିଯୁକ୍ତି ସୁବିଧା ଯୋଗାଇ ଦେବା ଏ ଦିଗରେ ଅନ୍ୟ ଗୋଟିଏ ପଦକ୍ଷେପ । ୧୯୮୨-୮୩ ମସିହାରେ ଗ୍ରାମାଞ୍ଚଳରେ ଏ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ କେନ୍ଦ୍ରୀୟ ସାହାଯ୍ୟକୁ ମିଶାଇ 'ଜାତୀୟ ଗ୍ରାମାଞ୍ଚଳ କର୍ମଯୋଗାଣ' କାର୍ଯ୍ୟକ୍ରମ ନିମନ୍ତେ ୧୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଗ୍ରାମାଞ୍ଚଳରେ ୨୧୩

ଲକ୍ଷ କାର୍ଯ୍ୟ ଦିବସ ସୃଷ୍ଟି ହୋଇ ପାରିବ ଏବଂ ତାହା ସାଂଗକୁ କେତେକ ପରିମାଣରେ ସ୍ଥାୟୀ ସର୍ବସାଧାରଣ ସଂପତ୍ତି ମଧ୍ୟ ସଂଗଠିତ ହୋଇ ପାରିବ । ଆହୁରି ମଧ୍ୟ ଏହି ସବୁ ଉଦ୍ୟମ ଯୋଗୁଁ ଠିକାଦାର ଓ ମଧ୍ୟସ୍ଥିଭାବେ ଲାଭ ଉଠାଉଥିବା ଲୋକମାନେ ଅପସାରିତ ହୋଇ ପାରିବେ ଓ ଶ୍ରମଜୀବୀମାନେ ସିଧାସଳଖ ଲାଭବାନ ହେବେ ।

୩୪ । ସାମାଜିକ ନ୍ୟାୟ ଉପରେ ପ୍ରତିଷ୍ଠିତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆମେ ଗ୍ରହଣ କରିଥିବା ନୀତିର ଏକ ବିଶେଷ ଦିଗ ହେଲା ସମାଜର ଦରିଦ୍ର ଓ ଅବହେଳିତ ବ୍ୟକ୍ତି ବିଶେଷଙ୍କୁ ସିଧାସଳଖ ଭାବେ ଯେ କୌଣସି ଗୋଟିଏ ଉପଯୁକ୍ତ ଲାଭ ଜନକ ଧନ୍ଦା ଯୋଗାଇ ଦେବା । ଗ୍ରାମାଞ୍ଚଳର ଦରିଦ୍ରତମ ଲୋକମାନଙ୍କର ଅର୍ଥନୈତିକ ଅଭ୍ୟୁତ୍ଥାନ ଉଦ୍ଦେଶ୍ୟରେ ଦରିଦ୍ରତମ ପରିବାରଙ୍କୁ ଉପଯୁକ୍ତ ଆର୍ଥିକ ଭିତ୍ତିରେ ଅବସ୍ଥାପିତ କରିବା ପାଇଁ ଗୋଟିଏ ଯୋଜନା କାର୍ଯ୍ୟକାରୀ ହେଉଅଛି । ଏ ଦିଗରେ ଚଳିତ ବର୍ଷ ବଜେଟରେ ୯ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା ଥିବା ସ୍ଥଳେ ୧୯୮୨-୮୩ ଆର୍ଥିକ ବର୍ଷ ବଜେଟରେ ୧୩ କୋଟି ୮୦ ଲକ୍ଷ ଟଙ୍କାର ବ୍ୟବସ୍ଥା ଅଛି । ୧୯୮୦-୮୧ ଓ ୧୯୮୧-୮୨ ବର୍ଷମାନଙ୍କରେ ଉପକୃତ ହୋଇଥିବା ଦରିଦ୍ରତମ ପରିବାରମାନଙ୍କ ବ୍ୟତୀତ ଅଧିକା ୭୧,୦୦୦ ପରିବାରଙ୍କୁ ଏହି ଯୋଜନାର ପରିସରଭୁକ୍ତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

୩୫ । ନୂତନ ବିଂଶ ସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମର ଏ ରାଜ୍ୟର ବିକାଶ ପଥରେ ସୁଦୂର-ପ୍ରସାରୀ ପ୍ରଭାବ ଥିବା ଯୋଗୁଁ ଏହାକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ବଦ୍ଧପରିକର । ଏହି ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ବଜେଟରେ ୩୬୦ କୋଟି ୮୯ ଲକ୍ଷ ଟଙ୍କାର ବ୍ୟବସ୍ଥା ଅଛି । ତହିଁ ମଧ୍ୟରୁ ରାଜ୍ୟ ସରକାରଙ୍କ ଅଂଶ ୩୧୦ କୋଟି ୫୭ ଲକ୍ଷ ଟଙ୍କା । ଯୋଜନାକୁ ଅଧିକ ଭାବରେ ସମୃଦ୍ଧ କରିବା ସକାଶେ ଆବଶ୍ୟକୀୟ ଅର୍ଥ ଯୋଗାଇ ଦେବା ନିମନ୍ତେ ଅର୍ଥଲଗାଣ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥଲଗାଣ ସଂସ୍ଥାଗୁଡ଼ିକ ଏ ଦିଗରେ ୧୯୮୧ ମସିହା ସେପ୍ଟେମ୍ବର ସୁଦ୍ଧା ୧୩ କୋଟି ୭୩ ଲକ୍ଷ ଟଙ୍କା ଯୋଗାଇ ଦେଇଥିଲେ । ଆସନ୍ତା ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଗତିଶୀଳ କରାଯିବ ।

୩୬ । ୧୯୮୨-୮୩ ବର୍ଷର ବାର୍ଷିକ ଯୋଜନା ସକାଶେ ରାଜ୍ୟ ସରକାର ଓ ସରକାରୀ ଉଦ୍ୟୋଗଗୁଡ଼ିକ, ପ୍ରଚଳିତ ଟିକସ, ଋଣ ପ୍ରଭୃତି ମାଧ୍ୟମରେ ୧୧୬ କୋଟି ୨୭ ଲକ୍ଷ ଟଙ୍କାର ସମ୍ବଳ ସଂଗ୍ରହ କରିବା ପାଇଁ ଅଟକଳ କରାଯାଇଅଛି ଏବଂ ଏହା ସାଙ୍ଗକୁ ୧୪୬ କୋଟି ୬୪ ଲକ୍ଷ ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ସ୍ଥିର ହୋଇଛି । ତେଣୁ ରାଜ୍ୟ ସରକାର ଏବଂ ସରକାରୀ ଉଦ୍ୟୋଗଗୁଡ଼ିକୁ ଅଧିକା ୩୭ କୋଟି ୯ ଲକ୍ଷ ଟଙ୍କାର ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ । କର୍ମଚାରୀମାନଙ୍କୁ ଭବିଷ୍ୟତରେ ଅତିରିକ୍ତ ମହଙ୍ଗା ଭତ୍ତା ମଞ୍ଜୁର କଲାବେଳେ କେତେକ ମାସର ଦେୟ ସେମାନଙ୍କର ଭବିଷ୍ୟନିଧିରେ ଆବଦ୍ଧ ରଖାଯାଇ ୭ କୋଟି ଟଙ୍କାର ସମ୍ବଳ ସଂଗ୍ରହ କରାଯିବାର ଅଟକଳ କରାଯାଇଛି । ଅବଶିଷ୍ଟ ୩୦ କୋଟି ୯ ଲକ୍ଷ ଟଙ୍କାର ସମ୍ବଳ ନିମ୍ନୋକ୍ତ ସୂତ୍ରରୁ ସଂଗ୍ରହ କରାଯିବାର ପ୍ରସ୍ତାବ ରହିଛି :—

| | |
|---|---|
| ବିଦ୍ୟୁତ ହାର ଓ ଶୁଳ୍କ | .. ୧୭ କୋଟି ୩୦ ଲକ୍ଷ ଟଙ୍କା |
| ବିକ୍ରୀ କର | .. ୭ କୋଟି ୮୫ ଲକ୍ଷ ଟଙ୍କା |
| ଜଙ୍ଗଲ ରାଜସ୍ୱ | .. ୨ କୋଟି ୬୦ ଲକ୍ଷ ଟଙ୍କା |
| ମୁଦ୍ରାଙ୍କ ଶୁଳ୍କ (Stamp duty) | .. ୧ କୋଟି ଟଙ୍କା |
| ଅବକାରୀ ରାଜସ୍ୱ | .. ୬୪ ଲକ୍ଷ ଟଙ୍କା |
| ମାଲ ପରିବହନ କର | .. ୨୫ ଲକ୍ଷ ଟଙ୍କା |
| ଲୌହ ଓ ମାଙ୍ଗାନିଜ୍ ଉପରେ ରାଜଭାଗ | .. ୨୫ ଲକ୍ଷ ଟଙ୍କା |
| ନୂତନ ପୋଲ ଉପରେ ମାହାସୁଲ | .. ୨୦ ଲକ୍ଷ ଟଙ୍କା |
| ମୋଟ | .. ୩୦ କୋଟି ୯ ଲକ୍ଷ ଟଙ୍କା |